ପ୍ରେସ୍‌ନୋଟ୍

## ଆଜି ଅନୁଗୋଳ ଜିଲ୍ଲାରୁ ୧୬୭ ଜଣ କରୋନା ପଜିଟିଭ ଚିହ୍ନଟ -

## ପଜିଟିଭ ସଂଖ୍ୟା ୨୧୧୧ ରେ ପହଞ୍ଚିଲା ।

ଅନୁଗୋଳ,ତା. ୧୫.୯:- ଆଜି ଅନୁଗୋଳ ଜିଲ୍ଲାରୁ ୧୬୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆକ୍ରାନ୍ତମାନଙ୍କ ମଧ୍ୟରେ ତାଳଚେର ବ୍ଲକ୍ ଓ ପୌରାଂଚଳରୁ ସର୍ବାଧିକ ୪୬ ଜଣ(୨୬ଜଣ ପୁରୁଷ ଓ ୨୦ ଜଣ ମହିଳା), ଅନୁଗୋଳ ବ୍ଲକ୍ ଓ ପୌରାଂଚଳରୁ ୪୩ ଜଣ (୨୮ ଜଣ ପୁରୁଷ ଓ ୧୫ଜଣ ମହିଳା), କଣିହାଁ ବ୍ଲକ୍ ଅଂଚଳରୁ ୨୭ ଜଣ (୧୩ଜଣ ପୁରୁଷ ଓ ୧୪ ଜଣ ମହିଳା),ବଅଁରପାଳ ବ୍ଲକ୍ ଅଂଚଳରୁ ୨୪ ଜଣ(୧୧ଜଣ ପୁରୁଷ ଓ ୧୩ଜଣ ମହିଳା), କିଶୋରନଗର ବ୍ଲକ୍ ଅଂଚଳରୁ ୧୫ ଜଣ (୯ଜଣ ପୁରୁଷ ଓ ୬ଜଣ ମହିଳା), ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୮ ଜଣ (୫ଜଣ ପୁରୁଷ ଓ ୩ ଜଣ ମହିଳା),ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୩ ଜଣ (୩ଜଣ ପୁରୁଷ) ଓ ପାଲଲହଡା ବ୍ଲକ୍ ଅଂଚଳରୁ ୧ ଜଣ (୧ଜଣ ପୁରୁଷ ) ଅଛନ୍ତି । ସମସ୍ତେ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବାର ଜଣାପଡିଛି । ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଙ୍କୁ କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଙ୍କୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୯୭ ଜଣ ସୁସ୍ଥ ହୋଇଥିବାର ଖବର ହସ୍ତଗତ ହୋଇଛି । ଏଥି ମଧ୍ୟରେ ୧୪ ଜଣ କୋଭିଡ ହସପିଟାଲରୁ ଓ ୮୩ ଜଣ ହୋମ Isolation ରୁ ସୁସ୍ଥ ହୋଇଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକସଂଖ୍ୟା. ୬୩୦ ତା୧୫.୦୯.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଶ୍ରୀ ୧୫/୦୯/୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ